भारतीय प्रौद्योगिकी संस्थान भुवनेश्वर

**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱର ସହଯୋଗରେ ସେମିକଣ୍ଡକ୍ଟର ଏବଂ ଇଏସଡିଏମ୍ ପାର୍କ୍: ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ

**ଭୁବନେଶ୍ୱର, ୨୭ ସେପ୍ଟେମ୍ବର ୨୦୨୫:** ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ଗସ୍ତ ସମୟରେ ଝାରସୁଗୁଡାରୁ ଭର୍ଚୁଆଲ୍ ମୋଡ୍‌ରେ ଆଗାମୀ ସେମିକଣ୍ଡକ୍ଟର ଏବଂ ଇଏସଡିଏମ୍ (ଇଲେକ୍ଟ୍ରୋନିକ୍ ସିଷ୍ଟମ୍ ଡିଜାଇନ୍ ଏବଂ ମାନୁଫାକ୍ଚରିଂ) ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୦୦+ ଏକର ପରିମିତ ଅଂଚଳରେ ସ୍ଥାପିତ ହେବାକୁ ଥିବା ଏହି ପାର୍କ ଆଇଆଇଟି ଭୁବନେଶ୍ୱର ସହଯୋଗରେ ପ୍ରତିଷ୍ଠିତ ହେବ। କେନ୍ଦ୍ର କ୍ୟାବିନେଟ ଚଳିତ ବର୍ଷ ଅଗଷ୍ଟ ମାସରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସଏମ) ଅଧୀନରେ ୪୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକ କମ୍ପାଉଣ୍ଡ୍ ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଏକ ୩-ଡି ଗ୍ଲାସ୍ ପ୍ୟାକେଜିଂ ୟୁନିଟ୍ ଅନୁମୋଦନ କରିସାରିଛି। ପ୍ରସ୍ତାବିତ ପାର୍କ ସହିତ ଏହି ପ୍ରକଳ୍ପଗୁଡ଼ିକ ଉଦୀୟମାନ ସେମିକଣ୍ଡକ୍ଟର ପୃଷ୍ଠଭୂମିରେରେ ଓଡ଼ିଶାକୁ ଏକ ଜାତୀୟ ହବ୍ ଭାବରେ ସ୍ଥାନିତ କରିବ।

ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର କହିଛନ୍ତି: "ଆଇଆଇଟି ଭୁବନେଶ୍ୱର ଶିକ୍ଷାନୁଷ୍ଠାନ-ସରକାର-ଶିଳ୍ପ ସହଯୋଗ ଏବଂ ଉଦ୍ୟୋଗ ବିକାଶ ପାଇଁ ଆଗ୍ରହର ସହିତ ପ୍ରତିବଦ୍ଧ, ଜାତୀୟ ଶିକ୍ଷା ନୀତି ୨୦୨୦ ରେ ଏହି ଦିଗଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ଖୁସିର କଥା ଯେ ଓଡ଼ିଶା ସରକାର ଭୁବନେଶ୍ୱର ନିକଟରେ ଏକ ସେମିକଣ୍ଡକ୍ଟର ଏବଂ ଇଏସଡିଏମ୍ ପାର୍କ୍ ପ୍ରତିଷ୍ଠା କରିବା ପାଇଁ ଏକ ରଣନୈତିକ ନିଷ୍ପତ୍ତି ନେଇଛନ୍ତି। ଏହି ଜାତୀୟ ପ୍ରୟାସ ପାଇଁ ଆଇଆଇଟି ଭୁବନେଶ୍ୱର ଏହାର ଜମି ଏବଂ ବୌଦ୍ଧିକ ସହଯୋଗ ପ୍ରଦାନ କରିବାକୁ ନେଇ ଗୌରବାନ୍ୱିତ।"

ଏହା ଉଲ୍ଲେଖନୀୟ ଯେ ଆଇଆଇଟି ଭୁବନେଶ୍ୱର ସଦ୍ୟ ଘୋଷିତ ୨୦୧୫ ଏନଆଇଆରଏଫ (ଜାତୀୟ ପ୍ରତିଷ୍ଠାନ ରାଙ୍କିଂ ଫ୍ରେମୱାର୍କ) ରେ ୧୫ ସ୍ଥାନ ଉପରକୁ ଉଠିଛି। ଏହା ବ୍ୟତୀତ, ସିକସେମ ପ୍ରାଇଭେଟ୍ ଲିମିଟେଡ଼ ସହିତ ମିଳିତ ଭାବରେ ପ୍ରତିଷ୍ଠିତ ଏହାର ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର ପ୍ରଥମ ଥର ପାଇଁ ଭାରତରେ ୨୦୦ ମିଲିମିଟର ବ୍ୟାସର ଏସଆଇସି ଇନଗଟ୍ ଅଭିବୃଦ୍ଧି ହାସଲ କରିବା ପାଇଁ ଜାତୀୟ ସ୍ତରରେ ଖବରରେ ଥିଲା। ଏହା ସହିତ, ପ୍ରତିଷ୍ଠାନର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ (ଆରଇପି) ଫେବୃଆରୀ ୨୦୨୪ ରେ ୧୦୦-କ୍ୟୁବ୍ ଷ୍ଟାର୍ଟ-ଅପ୍ ପଦକ୍ଷେପ ଆରମ୍ଭ କରିଛି, ଯାହାର ଲକ୍ଷ୍ୟ ସ୍ୱତନ୍ତ୍ର ଓଡ଼ିଶାର ୧୦୦ତମ ବର୍ଷ (୨୦୩୬ ମସିହା) ସୁଦ୍ଧା ୧୦୦ କୋଟି ଟଙ୍କା ମୂଲ୍ୟର ୧୦୦ ଟି ଷ୍ଟାର୍ଟ-ଅପ୍ କୁ ବୌଦ୍ଧିକ ଏବଂ ଗବେଷଣା ସମ୍ବନ୍ଧୀୟ ସହଯୋଗ ପ୍ରଦାନ କରିବା। ବର୍ତ୍ତମାନ, ଆରଇପି ୧୦୦ ରୁ ଅଧିକ ଷ୍ଟାର୍ଟ-ଅପ୍ କୁ କନ୍ସଲଟାନ୍ସି ପ୍ରଦାନ କରୁଛି।

------------------